# Meeting between Prime Minister Shri Narendra Modi and H.E. Mr. SUGA Yoshihide, Prime Minister of Japan

September 23, 2021

# ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଓ ଜାପାନ ପ୍ରଧାନମନ୍ତ୍ରୀ ମହାମହିମ ଶ୍ରୀ ସୁଗା ୟସୋହିହାଇଡଙ୍କ ମଧ୍ୟରେ ବୈଠକ

ସପ୍ଟେମ୍ବର 23, 2021

ସେପ୍ଟେମ୍ବର ୨୩ତାରିଖ ଦିନ  ୱାଶିଂଟନ ଡିସିର କ୍ୱାର୍ଡ ନେତୃବୃନ୍ଦ  ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ, ଜାପାନ ପ୍ରଧାନମନ୍ତ୍ରୀ ମହାମହିମ ଶ୍ରୀ ସୁଗା ୟସୋହିହାଇଡଙ୍କୁ ସାକ୍ଷାତ କରିଥିଲେ ।

ଉଭୟ ପ୍ରଧାନମନ୍ତ୍ରୀ ପ୍ରତ୍ୟକ୍ଷ ଭାବେ ପରସ୍ପରକୁ ସାକ୍ଷାତ କରିଥିବାରୁ ବେଶ୍  ଖୁସି ବ୍ୟକ୍ତ କରିଥିଲେ । ଶ୍ରୀ ସୁଗା ଜାପାନ ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେବା ପରେ ସେପ୍ଟେମ୍ବର ୨୦୨୦ରୁ ଏପର୍ଯ୍ୟନ୍ତ ତିନି ଥର ଦୂରଭାଷାଜନିତ କଥୋପକଥନର ଦୁଇନେତା ସ୍ମୃତିଚାରଣ କରିଥିଲେ  । ଗତ କିଛି ବର୍ଷ ମଧ୍ୟରେ ଭାରତ-ଜାପାନ ସ୍ୱତନ୍ତ୍ର ରଣନୀତି ଓ ବୈଶ୍ୱିକ ଭାଗିଦାରିତା ସମ୍ପର୍କୀୟ କାର୍ଯ୍ୟ ପ୍ରଧାନମନ୍ତ୍ରୀ ଓ ମୁଖ୍ୟ କ୍ୟାବିନେଟ ସଚିବ ଭାବେ ନିଖୁଣ ଢଙ୍ଗରେ ତୁଲାଇଥିବାରୁ ଶ୍ରୀ ମୋଦୀ ପ୍ରଧାନମନ୍ତ୍ରୀ ଶ୍ରୀ ସୁଗାଙ୍କୁ ଧନ୍ୟବାଦ ଦେଇଥିଲେ । ବୈଶ୍ୱିକ ମହାମାରୀ ସତ୍ୱେ ସଫଳତାର ସହ ଟୋକିଓ ଅଲିମ୍ପିକ ଓ ପାରା ଅଲିମ୍ପିକ ଆୟୋଜନ କରିଥିବାରୁ ଶ୍ରୀ ମୋଦୀ ପ୍ରଧାନମନ୍ତ୍ରୀ ସୁଗାଙ୍କୁ ଅଭିନନ୍ଦନ ଜଣାଇଥିଲେ ।

ପ୍ରଧାନମନ୍ତ୍ରୀଦ୍ୱୟ ଉଭୟ ଦେଶର ବହୁମୁଖୀ ସମ୍ପର୍କର ସମୀକ୍ଷା କରିବା ସହ ଆଫଗାନୀସ୍ଥାନ ସମେତ ସାମ୍ପ୍ରତିକ ବୈଶ୍ୱିକ ଓ ଆଞ୍ଚଳିକ ପରିସ୍ଥିତି ଉପରେ ମଧ୍ୟ ମତବିନିମୟ କରିଥିଲେ ।  ଭାରତ-ପ୍ରଶାନ୍ତ ମହାସାଗରୀୟ ଅଂଚଳରେ ମୁକ୍ତ ଓ ଅବାଧ ଅନ୍ତର୍ଭୁକ୍ତୀକରଣ ନେଇ ଉଭୟ ନେତା ସେମାନଙ୍କ ଅଙ୍ଗୀକାରବଦ୍ଧତାକୁ ଦୋହରାଇଥିଲେ । ପ୍ରତିରକ୍ଷା ଉପକରଣ ଓ ବୈଷୟିକ ଜ୍ଞାନ ସମେତ ଦ୍ୱିପାକ୍ଷିକ ସୁରକ୍ଷା ଓ ପ୍ରତିରକ୍ଷା ସହଯୋଗ ନେଇ ଉଭୟ ନେତାଙ୍କ ମଧ୍ୟରେ ସହମତି ପ୍ରକାଶ ପାଇଥିଲା ।

ଦୁଇ ନେତା ଉଭୟ ଦେଶର କ୍ରମବର୍ଦ୍ଧିଷ୍ଣୁ ଆର୍ଥିକ ସହଯୋଗକୁ ସ୍ୱାଗତ କରିଥିଲେ । ଭାରତ, ଜାପାନ ଓ ଅଷ୍ଟ୍ରେଲିଆ ମଧ୍ୟରେ ଯୋଗାଣ କ୍ଷେତ୍ରରେ ନମନୀୟତା ପଦକ୍ଷେପ (ଏସସିଆରଆଇ) ସ୍ୱରୂପ ହୋଇଥିବା ବିଶ୍ୱସନୀୟ, ନମନୀୟ ଓ ସହଯୋଗଭିତ୍ତିକ ସମ୍ପର୍କ ନେଇ ଚଳିତବର୍ଷ ପ୍ରାରମ୍ଭରେ ହୋଇଥିବା ନିଷ୍ପତ୍ତିକୁ ଉଭୟେ ସ୍ୱାଗତ କରିଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନିର୍ମାଣ, ଏମଏସ୍ଏମଇ ଏବଂ କୌଶଳ ବିକାଶ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ଉପରେ ଆଲୋପାତ କରିଥିଲେ ।

ନିର୍ଦ୍ଦିଷ୍ଟ କୁଶଳୀ ଶ୍ରମିକ(ଏସଏସ୍ଡବ୍ଲୁ) ସୃଷ୍ଟି ରାଜିନାମା ଭିତ୍ତିରେ ଜାପାନରୁ ବିଶେଷଜ୍ଞ କୌଶଳ ଓ ଭାଷା ପରୀକ୍ଷା ୨୦୨୨ ପ୍ରାରମ୍ଭରେ ଭାରତରେ ନେବେ ବୋଲି ଶ୍ରୀ ସୁଗା ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଅବଗତ କରିଥିଲେ।

ଦୁଇ ପ୍ରଧାନମନ୍ତ୍ରୀ କୋଭିଡ୍-୧୯ ବୈଶ୍ୱିକ ମହାମାରୀ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ । କ୍ରମବର୍ଦ୍ଧିଷ୍ଣୁ ଡିଜିଟାଲ ପ୍ରଯୁକ୍ତି ବିଜ୍ଞାନ ପରିପ୍ରେକ୍ଷୀରେ ବିଶେଷକରି ଷ୍ଟାର୍ଟଅପ୍ କ୍ଷେତ୍ରରେ ଭାରତ-ଜାପାନ ଡିଜିଟାଲ ଭାଗିଦାରିତା ଉପରେ ଆଲୋକପାତ କରିଥିଲେ । ସେମାନେ ମଧ୍ୟ ନୂତନଭାବେ ଆସୁଥିବା ବୈଷୟିକ ଜ୍ଞାନ, ଜଳବାୟୁ ପରିବର୍ତ୍ତନ, ଗ୍ରୀନ ଏନର୍ଜୀ ଅବସ୍ଥାନ୍ତର, ଭାରତ ଜାତୀୟ ଉଦ୍ଯାନ ଶକ୍ତି ମିଶନରେ ଜାପାନର ସହଯୋଗ ଉପରେ ଆଲୋଚନା କରିଥିଲେ ।

ଉଭୟ ନେତା ମୁମ୍ବାଇ-ଅହମ୍ମଦାବାଦ ଉଚ୍ଚ ଗତି ସମ୍ପନ୍ନ ରେଳ(ଏମଏଏଚଏସଆର) ପ୍ରକଳ୍ପର ଅଗ୍ରଗତି ଓ ସମୟାନୁସାରେ ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ  ସେମାନଙ୍କ ଅଙ୍ଗୀକାରବଦ୍ଧତାକୁ ଦୋହରାଇଥିଲେ ।

ଉଭୟେ ଭାରତ-ଜାପାନ ଆକ୍ଟ ଇଷ୍ଟ ଫୋରମ୍ ଅଧୀନରେ କାର୍ଯ୍ୟକାରୀ ହେଉଥିବା ଦ୍ୱିପାକ୍ଷିକ ବିକାଶମୂଳକ ସହଯୋଗ ନେଇ ଆଲୋଚନା କରିଥିଲେ ।

ଜାପାନର ନୂତନ ପ୍ରଶାସନ ଦ୍ୱାରା ମଧ୍ୟ ଭାରତ-ଜାପାନ ଭାଗିଦାରିତାର ଯେଉଁ ସଫଳତା ଗତ କିଛିବର୍ଷ ମଧ୍ୟରେ ହୋଇଛି ସେ ଦୃଷ୍ଟିରୁ ସହଯୋଗ ଅବ୍ୟାହତ ରହିବ ବୋଲି ପ୍ରଧାନମନ୍ତ୍ରୀ ସୁଗା ଦୃଢୋକ୍ତି ପ୍ରକାଶ କରିଥିଲେ । ନିକଟ ଭବିଷ୍ୟତରେ ଭାରତ-ଜାପାନ ବାର୍ଷିକ ଶିଖର ସମ୍ମିଳନୀରେ ଜାପାନ ପରବର୍ତ୍ତୀ ପ୍ରଧାନମନ୍ତ୍ରୀଙ୍କୁ ଭାରତରେ ସ୍ୱାଗତ କରିବା ନେଇ ଶ୍ରୀ ମୋଦୀ  ନିଜର ଇଚ୍ଛା ବ୍ୟକ୍ତ  କରିଥିଲେ ।

ୱାଶିଂଟନ୍ ଡି.ସି.

ସପ୍ଟେମ୍ବେର 23, 2021

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.